ପ୍ରେସ୍‌ନୋଟ୍

# ଅତ୍ୟାବଶ୍ୟକ ସାମଗ୍ରୀର ପରିବହନକୁ ନେଇ ସମୀକ୍ଷା କଲେ ଜିଲ୍ଲାପାଳ ।

ଅନୁଗୋଳ, ୨୪.୦୩ :- ସାଂପ୍ରତିକ ପରିସ୍ଥିତିରେ କରୋନା ଭୁତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲ୍ଲାରେ Lock down ସହ ୧୪୪ ଧାରା ବଳବତ୍ତର ଥିବାରୁ ଲୋକମାନଙ୍କୁ କିପରି ଅତ୍ୟାବଶ୍ୟକ ସାମଗ୍ରୀ ସହଜରେ ଉପଲବଧ କରାଯାଇପାରିବ ସେଥି ନିମନ୍ତେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଂକ ଅଧ୍ୟକ୍ଷତାରେ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା ଉପସ୍ଥିତ ଥିଲେ । ଅତ୍ୟାବଶ୍ୟକ ସାମଗ୍ରୀ ଔଷଧ ,ରାସନ ସାମଗ୍ରୀ ଓ ପନିପରିବା ପରିବହନରେ ଯେପରି କୌଣସି ସମସ୍ୟା ସୃଷ୍ଟି ନହୁଏ ସେଥିପାଇଁ ସଜାଗ ରହିବାକୁ ଜିଲ୍ଲାପାଳ ଟ୍ରକ ମାଲିକ ସଂଘ ଓ ଅନ୍ୟାନ୍ୟ ପରିବହନ ସଂଘର କର୍ମକର୍ତ୍ତାଂକୁ ପରାମର୍ଶ ଦେଇଛନ୍ତି । ମାଲ ପରିବହନ ସମୟରେ ଚାଳକମାନଂକୁ ଖାଦ୍ୟ ଉପଲବଧ କରାଇବା ନିମନ୍ତେ ଜାତୀୟ ରାଜପଥର କିଛି ଢାବାକୁ ଖୋଲା ରଖାଯିବା ସହ ସହରର ୨/୩ ଟି ପ୍ରମୁଖ ଛକରେ ଥିବା ଗାଡିର ଯନ୍ତ୍ରାଂଶ ଦୋକାନକୁ ଖୋଲା ରଖାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଔଷଧ ,ରାସନ ସାମଗ୍ରୀ ଓ ପନିପରିବା ପରିବହନ କରୁଥିବା ପାଇକାରୀ ବିକ୍ରେତାମାନଂକୁ ସେମାନଂକ ପାଖରେ ଉପଲବଧ ସାମଗ୍ରୀ ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିବା ସହ ଏଭଳି ଜରୁରୀ ସମୟରେ ସାମଗ୍ରୀ ଲୁଚାଇ ରଖି କୃତ୍ରିମ ଅଭାବ ଭଳି ପରିସ୍ଥିତି ସୃଷ୍ଟି ନ କରିବାକୁ ପରାମର୍ଶ ଦେଇଛନ୍ତି । ଔଷଧ ପାଇକାରୀ ବିକ୍ରେତାଂକ ପାଖରେ ପର୍ଯ୍ୟାପ୍ତ ପରିମାଣର ଔଷଧ ଗଛିତ ଅଛି । ସେମାନେ ଏହାକୁ ଗ୍ରାମାଂଚଳକୁ ବିଭିନ୍ନ ଗାଡି ସାହାଯ୍ୟରେ ନିୟମିତ ପଠାଉଛନ୍ତି । ଏଥିପାଇଁ ପୋଲିସର ସହଯୋଗ ନିମନ୍ତେ ଆରକ୍ଷୀ ଅଧିକ୍ଷକଂକ ଦୃଷ୍ଟି ଆକର୍ଷଣ କରିଥିଲେ । ଡାଲି,ଚାଉଳ,ତେଲ ଓ ଅଟା ପ୍ରଭୃତି ଅତ୍ୟାବଶ୍ୟକ ସାମଗ୍ରୀ ୧୫ ଦିନ ପାଇଁ ପାଇକାରୀ ବିକ୍ରେତାଂକ ପାଖରେ ଗଛିତ ଅଛି । ଏହି ସାମଗ୍ରୀଗୁଡିକ ପଶ୍ଚିମବଂଗ, କର୍ଣ୍ଣାଟକ,ନାଗପୁର ଓ ରାୟପୁର ପ୍ରଭୃତି ପଡୋଶୀ ଜିଲ୍ଲାରୁ ଆସୁଥିବାରୁ ପରିବହନରେ ବିଭିନ୍ନ ଅସୁବିଧା ସୃଷ୍ଟି ହେଉଛି । ଅତ୍ୟଧିକ ଭଡା,ଶ୍ରମିକ ଅଭାବ ଓ ଜିଲ୍ଲାର ସୀମାରେ ବିଳମ୍ବ ହେତୁ ସଠିକ୍ ସମୟରେ ମାଲ ଜିଲ୍ଲାରେ ପହଂଚିପାରୁନାହିଁ ବୋଲି ବିକ୍ରେତାମାନେ ଜିଲ୍ଲାପାଳଂକ ଦୃଷ୍ଟି ଆକର୍ଷଣ କରିଥିଲେ । ଏହିଭଳି ଏକ ଜରୁରୀ ପରିସ୍ଥିତିରେ ଜିଲ୍ଲା ମଧ୍ୟରେ ପରିବହନରେ ସୃଷ୍ଟି ହେଉଥିବା ସମସ୍ୟା ଗୁଡିକୁ ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମାଲ ଓହ୍ଲାଇବା ପରେ ଖାଲି ଗାଡି ଚଳାଚଳକୁ ନେଇ ପୋଲିସର କଟକଣାକୁ କୋହଳ କରିବାକୁ ପରିବହନକାରୀ ସଂସ୍ଥା ଓ ପାଇକାରୀ ବିକ୍ରେତାମାନେ ଆରକ୍ଷୀ ଅଧିକ୍ଷକଂକ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲା ମଧ୍ୟରେ ମାଲ ଓହ୍ଲାଇ ସାରିବା ପରେ ନିଜର ଗନ୍ତବ୍ୟ ସ୍ଥଳକୁ ଫେରୁଥିବା ଗାଡି ଗୁଡିକୁ ପୋଲିସ ନ ଅଟକାଇବା ନିମନ୍ତେ ସମ୍ପୃକ୍ତ ଅଂଚଳର ଭାରପ୍ରାପ୍ତ ଥାନା ଅଧିକାରୀମାନଂକୁ ପରାମର୍ଶ ଦିଆଯାଇଛି ବୋଲି ଆରକ୍ଷୀ ଅଧିକ୍ଷକ

ପ୍ରକାଶ କରିଥିଲେ । ପ୍ରତି ୭ ଦିନରେ ଥରେ ଉପଲବ୍ଧ ରାସନ ସାମଗ୍ରୀ ର ସ୍ଥିତି ସମ୍ପର୍କରେ ସମ୍ପୃକ୍ତ ପାଇକାରୀ ବିକ୍ରେତାମାନେ ଅବଗତ କରିବା ସହ ରିଟେଲର ପଏଣ୍ଟକୁ ସେମାନଙ୍କର ଆବଶ୍ୟକତା ଅନୁଯାୟୀ ମାଲ ପଠାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଜିଲ୍ଲାରେ Lock down ସମୟରେ ମାଲ ପରିବହନ କରୁଥିବା ଗାଡିକୁ କେହି ଅଟକାଇପାରିବେ ନାହିଁ ବୋଲି ଆରକ୍ଷୀ ଅଧିକ୍ଷକ ପ୍ରକାଶ କରିଥିଲେ । ସେହିପରି ରନ୍ଧନ ଗ୍ୟାସ ପରିବହନ କରୁଥିବା ଗାଡିକୁ କେହି ଅଟକାଇଲେ ତୁରନ୍ତ ପୋଲିସକୁ ଖବର ଦେବାକୁ ସେ ପରାମର୍ଶ ଦେଇଛନ୍ତି । ଔଷଧ ଓ ଅତ୍ୟାବଶ୍ୟକ ରାସନ ସାମଗ୍ରୀ କିପରି ସୁରୁଖୁରୁରେ ପରିବହନ ହେବା ସହ ଲୋକମାନଙ୍କ ନିକଟରେ ସହଜରେ ଉପଲବ୍ଧ ହୋଇପାରିବ ସେଥିପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ମିଳିତ ଭାବେ ସରକାରଙ୍କ ନିୟମାବଳୀ ଆଧାରରେ କାର୍ଯ୍ୟ କରୁଛନ୍ତି । ଏଥିରେ ସମସ୍ତଙ୍କର ସହଯୋଗ ରହିଲେ ଏହି ଜରୁରୀ ପରିସ୍ଥିତିର ଆମେ ସଠିକ୍ ମୁକାବିଲା କରିପାରିବା ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ବୈଠକ ପରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ବିଦେଶରୁ ଫେରି ସଂଗରୋଧ (quarantine) ରେ ଥିବା ୩ ଜଣଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଅନୁଧ୍ୟାନ କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ,ରାଜ୍ୟ ଟ୍ରକ୍ ମାଲିକ ସଂଘ ଓ ଜିଲ୍ଲା ଟ୍ରକ୍ ମାଲିକ ସଂଘର ସଭାପତି ଶ୍ରୀ ବିଭୁତି ଭୂଷଣ ଦାସ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଉମାଶଙ୍କର ପତି, ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଜିତେନ୍ଦ୍ର କୁମାର ଭୋଇ,ତାଳଚେର ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ସମରେନ୍ଦ୍ର ପଟ୍ଟନାୟକ , ଡ୍ରଗସ୍ ଇନସିପେକ୍ଟର ଶ୍ରୀମତୀ ଏମ୍ ଶତପଥି, ଜିଲ୍ଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନର ସମ୍ପାଦକ ଶ୍ରୀ ନିର୍ମଳ ଚନ୍ଦ୍ର ମିଶ୍ର,ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀ ବିନୋଦ ପଣ୍ଡାଙ୍କ ସମେତ ବିଭିନ୍ନ ଔଷଧ ବିତରକ ସଂସ୍ଥା, ରାସନ ସାମଗ୍ରୀ ପାଇକାରୀ ବିକ୍ରେତା ଓ ପରିବହନ ସଂସ୍ଥାର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୨୯୭ ତା.୨୪.୩.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୨୪|୩|୨୦

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।


District Magistrate &
NAME

